بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୯ ସେପ୍ଟେମ୍ବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ତାଇଫ୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହେଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହେଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ତାଇଫ୍ ଯୁଦ୍ଧର ଚର୍ଚ୍ଚା ଚାଲିଥିଲା, ସେହି ଅବସରରେ ଜଣେ ସାହାବି ଉକ୍ତ ଗୋଷ୍ଠୀଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିବାକୁ ସେମାନଙ୍କ ନିକଟକୁ ଯାଇଥିଲେ ଏବଂ ତାଇଫ୍‌ବାସୀ ତାଙ୍କର କୌଣସି ଅନିଷ୍ଟ ନକରିବାର ଜମାନତ ମଧ୍ୟ ଦେଇଥିଲେ । କିନ୍ତୁ ଯେତେବେଳେ ସେ ଦୁର୍ଗର ନିକଟବର୍ତ୍ତୀ ହେଲେ ସେତେବେଳେ ସେମାନେ ନିଜ ପ୍ରତିଜ୍ଞା ଭଙ୍ଗ କରି ତାଙ୍କୁ ଶହିଦ୍ କରିଦେଲେ । ଏହା ସତ୍ତ୍ୱେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ସନ୍ଧି ସ୍ଥାପନର ପ୍ରୟାସ ଅବ୍ୟାହତ ରଖିଥିଲେ ଏବଂ ଆଲୋଚନାଚକ୍ରକୁ ଜାରି ରଖି ହଜରତ ହନ୍‌ଜଲାଃ [ର.ଅ]ଙ୍କୁ ପ୍ରେରଣ କଲେ । କିନ୍ତୁ ତାଇଫ୍‌ବାସୀ ତାଙ୍କୁ ମଧ୍ୟ ଛାଡ଼ି ନଥିଲେ, ବରଂ ତାଙ୍କ ଉପରେ ବି ଆକ୍ରମଣ କରି ଦେଇଥିଲେ । ଏହା ଦେଖି ମହାଭାଗ କହିଲେ; କିଏ ଅଛି ଯେ ହନ୍‌ଜଲାଃଙ୍କୁ ଶତ୍ରୁ କବଳରୁ ରକ୍ଷା କରି ଆଣିବ ? ଏଥିରେ ହଜରତ ଅବ୍‌ବାସ[ର.ଅ] ବାହାରିଲେ ଓ ତାଙ୍କୁ ଆକ୍ରମଣକାରୀଙ୍କ କବଳରୁ ଉଦ୍ଧାର କରି ଆଣିଲେ ।

ତାଇଫ୍‌ବାସୀ ଓ କୁରୈଶଙ୍କ ମଧ୍ୟରେ ଅତି ପୁରାତନ ଓ ଘନିଷ୍ଠ ସମ୍ପର୍କ ରହିଥିଲା ତେଣୁ ସନ୍ଧି ସ୍ଥାପନ କରିବାକୁ ହଜରତ ଅବୁ ସୁଫୟାନ ବିନ୍ ହରବ୍[ର.ଅ] ଓ ହଜରତ ମୁଗେରାଃ ବିନ୍ ଶୈବାଃ[ର.ଅ] ଦୁର୍ଗ ଭିତରକୁ ଗଲେ । କିନ୍ତୁ ସେମାନଙ୍କୁ ମଧ୍ୟ ସଫଳତା ମିଳିଲା ନାହିଁ । ହଁ ତାଇଫ୍‌ବାସୀ ଏହି ଅନୁରୋଧ କରିଥିଲେ ଯେ, ହଜରତ ମୁହମ୍ମଦ [ସ.ଅ]ଙ୍କୁ କହିବେ ଆମ ବଗିଚାଗୁଡ଼ିକୁ ନଷ୍ଟ କରିବେ ନାହିଁ ଏବଂ ଅଲ୍ଲାଃ ଓ ପାରସ୍ପରିକ ସମ୍ପର୍କର ଦ୍ୱାହି ଦେଇ ସେମାନେ ଏପରି ଦରଖାସ୍ତ କରିଥିଲେ ଯେ, ବଗିଚାଗୁଡ଼ିକୁ ନ ଉଜାଡ଼ି ସେହିପରି ରହିବାକୁ ଦେବେ । ବସ୍ତୁତଃ ପୁଣ୍ୟଶ୍ଲୋକ ତାଙ୍କ ନିବେଦନ ଗ୍ରହଣ କରି ବଗିଚାଗୁଡ଼ିକୁ ନଷ୍ଟ କରିବା ଆଦେଶକୁ ପ୍ରତ୍ୟାହାର କରିନେଲେ । **ଏହା ନବୀଶ୍ରେଷ୍ଠ [ସ.ଅ]ଙ୍କ ଜୀବନୀର ଏପରି ଏକ ସୁନ୍ଦର ଓ ଗୌରବମୟ ଉଦାହରଣ** ଯେ, ଯେତେବେଳେ ମହାଭାଗଙ୍କୁ ଈଶ୍ୱରଙ୍କ ସକାଶେ ଏପରି ନକରିବାକୁ ନିବେଦନର କରାଗଲା ସେତେବେଳେ ଆପଣ ଜାରି କରିଥିବା ଆଦେଶକୁ ପ୍ରତ୍ୟାହାର କରିନେଲେ । ଯାହାକି ଯୁଦ୍ଧର ନକ୍ସାକୁ ପାଲଟାଇ ଦେଇଥାନ୍ତା । ଏହି ଅବସରରେ ମହାଭାଗ ଏହା ଘୋଷଣା କରାଇଲେ ଯେ, ଯେଉଁ ଦାସମାନେ ଦୁର୍ଗରୁ ବାହାରି ଆମ ନିକଟକୁ ଚାଲି ଆସିବେ, ସେମାନେ ସ୍ୱାଧୀନ ହେବେ । ଏଥିରେ ୨୩ ଜଣ କ୍ରୀତଦାସ ଦୁର୍ଗରୁ ବାହାରି ଆସିଲେ, ଏଥିରେ ଦୁର୍ଗବାସୀ ଅତ୍ୟନ୍ତ କ୍ଷୋଭ ପ୍ରକାଶ କଲେ । ପୁଣ୍ୟଶ୍ଲୋକ ସେ ସମସ୍ତ କ୍ରୀତଦାସମାନଙ୍କୁ ସ୍ୱାଧୀନ କରି ଜଣେ ଜଣେ ମୁସଲମାନଙ୍କ ଅଧୀନ କରିଦେଲେ ଓ ସେହି କ୍ରୀତଦାସମାନଙ୍କ ଭରଣପୋଷଣର ଦାୟିତ୍ୱ ସମ୍ପୃକ୍ତ ମୁସଲମାନଙ୍କ ଉପରେ ନ୍ୟସ୍ତ କରିଦେଲେ । ଆଉ ମହାଭାଗ ଉପଦେଶ ପୂର୍ବକ କହିଲେ; **ସେମାନଙ୍କୁ ଭଲ ଭାବରେ (ଇସଲାମର) ଶିକ୍ଷା ଦିଅ ।**

ଏହି ଅବସରରେ ଉୟୈନା ବିନ୍ ହସନ୍ ଫଜାରୀ ହଜରତ ମୁହମ୍ମଦ [ସ.ଅ]ଙ୍କ ଠାରୁ ଅନୁମତି ଲୋଡ଼ିଲେ ଯେ,

ତାଙ୍କୁ ଦୁର୍ଗ ଭିତରକୁ ଯାଇ ବନୁ ସକିଫ୍ (ଦଳ)କୁ ଇସଲାମ ଧର୍ମ ପ୍ରତି ଆମନ୍ତ୍ରିତ କରିବାକୁ ସୁଯୋଗ ଦିଆଯାଉ । (ଉୟୈନା ବିନ୍ ହସନ୍ ମକ୍କା ବିଜୟ ପୂର୍ବରୁ ଇସଲାମ ଧର୍ମରେ ଦିକ୍ଷୀତ ହୋଇଥିଲେ । ତାଙ୍କ ସମ୍ବନ୍ଧରେ ବର୍ଣ୍ଣନା ମିଳେ ଯେ ନବୀଶ୍ରେଷ୍ଠ ତାଙ୍କୁ ଅହ୍‌ମକ ମତା ଅର୍ଥାତ୍ ଏପରି ନେତା ଓ ମାର୍ଗଦର୍ଶକ ଯିଏକି ମୁର୍ଖ ଅଟେ) । ଅତଏବ ଉୟୈନାକୁ ଅନୁମତି ମୁଳିବା ମାତ୍ରେ ସେ ଦୁର୍ଗ ଭିତରକୁ ଚାଲିଗଲା ଓ ସେମାନଙ୍କୁ ଇସଲାମ ଧର୍ମ ପ୍ରତି ଆମନ୍ତ୍ରିତ କରିବା ପରିବର୍ତ୍ତେ ବନୁ ସକିଫ୍ (ଦଳ)କୁ ମୁସଲମାନମାନଙ୍କ ବିରୁଦ୍ଧରେ ପ୍ରବର୍ତ୍ତାଇଲା ଓ ସେଠାରୁ ଫେରିଆସି ମୁସଲମାନମାନଙ୍କୁ ମିଛ କହିଲା । ପରାକ୍ରମୀ ଅଲ୍ଲାଃ ଏଥିସଂକ୍ରାନ୍ତରେ ମହାଭାଗଙ୍କୁ ସୂଚିତ କରି ଦେଇଥିଲେ ଯେ, ଉୟୈନା ଦୁର୍ଗବାସୀଙ୍କୁ କ'ଣ ସବୁ କହି ଆସିଛି ? ଅତଃ ମହାଭାଗ ତାହାର ସମସ୍ତ ମିଥ୍ୟା ବଚନ (ସର୍ବସମ୍ମୁଖରେ) ପରିପ୍ରକାଶ କରିଦେଲେ, ଯାହାକି ସେ ଅମାନ୍ୟକାରୀଙ୍କ ନିକଟରେ କରିଥିଲା । ଏହା ଶୁଣିବା ମାତ୍ରେ ଉୟୈନା ସ୍ତବ୍ଧ ହୋଇଗଲା ।

ହଜରତ ମୁହମ୍ମଦ[ସ.ଅ] ଦୁର୍ଗର ଘେରାଉ କରିବା ପରିପ୍ରେକ୍ଷୀରେ ହଜରତ ନଓ୍ୱଫିଲ୍ ବିନ୍ ମାଓ୍ୱିୟା [ର.ଅ]ଙ୍କ ସହିତ ପରାମର୍ଶ କଲେ । ସେ କହିଲେ; ଏହା ତ ଏପରି କଥା ଯେମିତି ବିଲୁଆ ନିଜ ଗୁହାରେ ଲୁଚି ରହିଥିବ ଓ ଆମେ ତାହାକୁ ଧରିବା ପାଇଁ ଜଗି ବସିଥିବା ଏବଂ ତାହାଙ୍କୁ ଛାଡ଼ି ଦେଲେ ମଧ୍ୟ ସେ କାହାରିକୁ କିଛି କ୍ଷତି ପହଞ୍ଚାଇବାର ତ ସାମର୍ଥ୍ୟ ରଖି ନଥାଏ । ଏଥିରେ ମହାଭାଗ ଦୁର୍ଗର ଘେରାଉ ଶେଷ କରିବାର ନିଷ୍ପତ୍ତି ନେଲେ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏପରି ପ୍ରତୀତ ହେଉଛି କେବଳ ଏହି ପରାମର୍ଶ ଆଧାରରେ ନୁହେଁ, ବରଂ ଐଶ୍ୱର୍ଯ୍ୟମୟ ଅଲ୍ଲାଃଙ୍କ ନିକଟରୁ କୌଣସି ବିଶେଷ ମାର୍ଗଦର୍ଶନ ଓ ସଙ୍କେତ ହୁଜୁର [ସ.ଅ]ଙ୍କୁ ମିଳିଥିଲା । ନଚେତ୍ ମହାଭାଗ ଲଢ଼ିଥିବା ଯୁଦ୍ଧଗୁଡ଼ିକ ମଧ୍ୟରେ ଏପରି ପ୍ରଥମ ଥର ଘଟିଥିଲା ଯେ, ମହାଭାଗ ଏପରି ଗୁରୁତ୍ୱପୂର୍ଣ୍ଣ ଅଭିଯାନକୁ ଅଧୁରା ଛାଡ଼ି ଫେରି ଆସିଥିଲେ । ଏହି ପ୍ରସଙ୍ଗରେ ହୁଜୁର [ସ.ଅ]ଙ୍କର ଏକ ସ୍ୱପ୍ନର ମଧ୍ୟ ବର୍ଣ୍ଣନା ମିଳେ, ଯାହାକି ମହାଭାଗ ହଜରତ ଅବୁବକର [ର.ଅ]ଙ୍କୁ ଶୁଣାଇ ଥିଲେ । ନବୀଶ୍ରେଷ୍ଠ କହିଲେ; ମୁଁ ସ୍ୱପ୍ନରେ ଦେଖିଲି ଏକ ବାସନରେ ଗୋଟିଏ ମକ୍ଷି ମୋ ପାଖକୁ ଆସିଲା ଓ ଗୋଟିଏ କୁକୁଡ଼ା ଥଣ୍ଟ ମାରି ସେହି ବାସନଟିକୁ ତଳେ ପକାଇ ଦେଲା । ଏଥିରେ ହଜରତ ଅବୁବକର[ର.ଅ] କହିଲେ; **ମୁଁ ଭାବୁଛି ମହାଭାଗ ବନୁ ସକିଫ୍ ଠାରୁ ଯାହା ଆଶା ବାନ୍ଧିଛନ୍ତି ତାହା ଏଥର ହାସଲ ହେବ ନାହିଁ** । ହୁଜୁର[ସ.ଅ] ମଧ୍ୟ ଅବୁବକର [ର.ଅ]ଙ୍କ ଏହି କଥାର ସମର୍ଥନ କରିଥିଲେ ।

ଯେତେବେଳେ ଘେରାଉ ଉଚ୍ଛେଦ କରିବାର ଘୋଷଣା କରାଗଲା ସେତେବେଳେ କେତେକ ଯୁବକଙ୍କର ପ୍ରତିକ୍ରିୟା ଥିଲା ଯେ, ଆମେ ବିଜୟ ହାସଲ କରିବା ବ୍ୟତୀତ କାହିଁକି ପ୍ରତ୍ୟାବର୍ତ୍ତନ କରୁଅଛେ ? ତେବେ ପ୍ରଥମେ ସେମାନେ ହଜରତ ଅବୁବକର[ର.ଅ] ଓ ହଜରତ ଉମର [ର.ଅ]ଙ୍କ ନିକଟକୁ ଗଲେ ଯେ, ସେମାନେ ଯାଇ ମହାଭାଗ [ସ.ଅ]ଙ୍କ ସେବାରେ ନିବେଦନ କରନ୍ତୁ କି ବିଜୟ ପ୍ରାପ୍ତି କରିବା ପର୍ଯ୍ୟନ୍ତ ଘେରାଉ ଜାରି ରଖାଯାଉ । କିନ୍ତୁ ଯେତେବେଳେ ସେ ଦୁହେଁ ସେମାନଙ୍କ ପ୍ରସ୍ତାବ ସ୍ୱୀକାର କଲେ ନାହିଁ, ସେତେବେଳେ ଉକ୍ତ ଯୁବକମାନେ ସ୍ୱୟଂ ମହାଭାଗଙ୍କ ସେବାରେ ଉପସ୍ଥିତ ହୋଇଗଲେ ଓ ଅତି ଭାବବିହ୍ୱୋଳ ହୋଇ ଅନୁରୋଧ କଲେ ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଆମେମାନେ ଲଢ଼ିବୁ । ଏଥିରେ ମହାଭାଗ କହିଲେ; ଠିକ୍ ଅଛି ! କାଲି ସକାଳେ ତୁମେମାନେ ଶତ୍ରୁର ମୁକାବିଲା କର । ପରବର୍ତ୍ତୀ ଦିନ ସେମାନେ ଶତ୍ରୁ ସହିତ ମୁହାଁମୁହିଁ ହେଲେ, କିନ୍ତୁ ଜଖମ ଓ ଆଘାତ ବ୍ୟତୀତ ସେମାନଙ୍କୁ କିଛି ହାସଲ ହେଲା ନାହିଁ । ସୁତରାଂ ହୁଜୁର[ସ.ଅ] କହିଲେ; କାଲି ସକାଳେ ଆମେମାନେ ଏଠାରୁ ପ୍ରତ୍ୟାବର୍ତ୍ତନ କରିଯିବା, ଏଥିରେ ସେହି ଯୁବକଗଣ ମଧ୍ୟ ଆନନ୍ଦିତ ହୋଇଗଲେ । ତାଙ୍କ ରାୟରେ ପରିବର୍ତ୍ତନ ଦେଖି ପୁଣ୍ୟଶ୍ଳୋକ ମଧ୍ୟ ସ୍ମିତହାସ୍ୟ ପ୍ରକାଶ କଲେ ।

ଏହି ଯୁଦ୍ଧରେ ଅମାନ୍ୟକାରୀଙ୍କର ତିନିଜଣ ବ୍ୟକ୍ତି ନିହତ ହୋଇଥିଲେ, ଯଦିଚ ସେମାନଙ୍କ ଆଘାତ ପ୍ରାପ୍ତ ଓ ଅନ୍ୟାନ୍ୟ ମୃତକଙ୍କ ନିର୍ଦ୍ଦିଷ୍ଟ ସଂଖ୍ୟାର କୌଣସି ବର୍ଣ୍ଣନା ମିଳୁ ନାହିଁ । କାରଣ ସେମାନେ ଦୁର୍ଗ ଭିତରେ ରହିଥିଲେ, ଏହିପରି ମୁସଲମାନମାନଙ୍କ ଆଘାତ ପ୍ରାପ୍ତ ଲୋକମାନଙ୍କର ସଠିକ୍ ଆକଳନ ହୋଇପାରି ନଥିଲା । କିନ୍ତୁ ହଜରତ

ଅବୁ ସୁଫୟାନ ଓ ହଜରତ ଅବ୍ଦୁଲ୍ଲାଃ ବିନ୍ ଅବି ବକର୍[ର.ଅ] କ୍ଷତାକ୍ତ ହୋଇଥିବାର ବର୍ଣ୍ଣନା ମିଳୁଅଛି । ଏହି ଯୁଦ୍ଧରେ ୧୨ଜଣ ସାହାବି ଶହିଦ୍ ହୋଇଥିଲେ ସେମାନେ ହେଲେ- ହଜରତ ସଇଦ୍ ବିନ୍ ଆସ[ର.ଅ], ହଜରତ ଅରଫତା ବିନ୍ ଜିନାବ୍[ର.ଅ], ହଜରତ ଅବ୍ଦୁଲ୍ଲାଃ ବିନ୍ ଅବି ଉମୟା[ର.ଅ], ହଜରତ ଅବ୍ଦୁଲ୍ଲାଃ ବିନ୍ ଆମିର୍[ର.ଅ], ହଜରତ ସାଇବ୍ ବିନ୍ ହାରିସ୍[ର.ଅ] ଓ ତାଙ୍କର ଭାଇ ଅବ୍ଦୁଲ୍ଲାଃ ବିନ୍ ହାରିସ୍[ର.ଅ], ହଜରତ ଜଲିହା ବିନ୍ ଅବ୍ଦୁଲ୍ଲାଃ[ର.ଅ], ହଜରତ ସାବିତ୍ ବିନ୍ ଜଲା[ର.ଅ], ହଜରତ ହାରିସ୍ ବିନ୍ ସୋହେଲ୍[ର.ଅ], ହଜରତ ମୁନଜିର୍ ବିନ୍ ଅବ୍ଦୁଲ୍ଲାଃ[ର.ଅ], ହଜରତ ରକିମ୍ ବିନ୍ ସାବିତ୍[ର.ଅ] ଓ ହଜରତ ଅବ୍ଦୁଲ୍ଲାଃ ବିନ୍ ଅବୁବକର୍[ର.ଅ] ଇତ୍ୟାଦି ଶହିଦ୍ ହୋଇଥିଲେ । ଏହି ଅଭିଯାନରେ ହଜରତ ମୁହମ୍ମଦ [ସ.ଅ]ଙ୍କର ଦୁଇଜଣ ପବିତ୍ର ସହଧର୍ମିଣୀ ହଜରତ ଉମ୍ମେ ସଲ୍ମା[ର.ଅ] ଓ ହଜରତ ଜୈନବ୍[ର.ଅ] ସାମିଲ ଥିଲେ ଏବଂ ସେମାନଙ୍କ ସକାଶେ ଦୁଇଟି ଶିବିର ତିଆରି କରାଯାଇଥିଲା । ମହାଭାଗ ସେହି ଦୁଇ ଶିବିର ମଧ୍ୟଭାଗରେ ନମାଜ ପାଠ କରୁଥିଲେ । ହୁଜୁର[ସ.ଅ] ତାଇଫ୍ ବସ୍ତିର କେତେଦିନ ଘେରାଉ କରିଥିଲେ ସେଥି ସଂକ୍ରାନ୍ତରେ ଭିନ୍ନ ଭିନ୍ନ ବର୍ଣ୍ଣନା ମିଳୁଅଛି । ଯହିଁରେ ୧୦ରୁ ଆରମ୍ଭ କରି ୪୦ରାତ୍ରର ଚର୍ଚ୍ଚା ରହିଛି ।

ପ୍ରତ୍ୟାବର୍ତ୍ତନ କରିବା ସମୟରେ ହୁଜୁର[ସ.ଅ] କହିଲେ; **ଏହି ଉକ୍ତି ଆବୃତ୍ତି କରି ଚାଲ ଯେ ଆମେ ପ୍ରତ୍ୟାବର୍ତ୍ତନକାରୀ, କ୍ଷମା ଭିକ୍ଷାକାରୀ, ଉପାସନାକାରୀ ଓ ନିଜ ପାଳନକର୍ତ୍ତାଙ୍କର ପ୍ରଶଂସା ଗାନକାରୀ** । ମହାଭାଗଙ୍କୁ ନିବେଦନ କରାଗଲା ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ବନୁ ସକିଫ୍‌କୁ ଅଭିଶାପ ଦିଅନ୍ତୁ । କିନ୍ତୁ ନବୀଶ୍ରେଷ୍ଠ [ସ.ଅ]ଙ୍କ ପ୍ରଶସ୍ତ ହୃଦୟ ଏପରି ଥିଲା ଯେ, ମହାଭାଗ ତାଙ୍କ ପାଇଁ ଅଭିଶାପର କାମନା କରିବା ପରିବର୍ତ୍ତେ ଏହି ପ୍ରାର୍ଥନା କଲେ ହେ ପ୍ରଭୁ ! ସକିଫ୍ ଗୋଷ୍ଠୀକୁ ସତ୍‌ପଥ ଦେଖାଅ ଓ ତାଙ୍କ ଖାଦ୍ୟ ସାମଗ୍ରୀ ଯୋଗାଣ ବିନିମୟରେ ଆମମାନଙ୍କ ସକାଶେ ତୁମ୍ଭେ ପର୍ଯ୍ୟାପ୍ତ ହୋଇଯାଅ । ହଜରତ ମୁହମ୍ମଦ [ସ.ଅ]ଙ୍କର ମୂଳ ଉଦ୍ଦେଶ୍ୟ ତ ଏହା ଥିଲା ଯେ, ପ୍ରଭୁଙ୍କର ମାର୍ଗଚ୍ୟୁତ ଭକ୍ତମାନେ ତାଙ୍କ ଶରଣାପନ୍ନ ହୁଅନ୍ତୁ । ସୁତରାଂ ମହାଭାଗଙ୍କର ଏହି ପ୍ରାର୍ଥନା ସର୍ବଶକ୍ତିମାନ ଅଲ୍ଲାଃ ଏପରି ଗ୍ରହଣ କଲେ ଯେ, ସେହି ଘଟଣାକୁ ବର୍ଷେ ପୂରଣ ହୋଇ ନଥିଲା କି ସମସ୍ତ ତାଇଫ୍‌ବାସୀ ରମଜାନ ମାସ ୯ହିଜ୍‌ରୀରେ ମୁସଲମାନ ହୋଇଗଲେ ।

ହୁନେନ୍ ଯୁଦ୍ଧରୁ ପ୍ରାପ୍ତ ହୋଇଥିବା ମାଲେ ଗନିମତ୍ (ଯୁଦ୍ଧରୁ ଅର୍ଜିତ ସମ୍ପଦ) ବଣ୍ଟନ ହେବାର ଚର୍ଚ୍ଚା ମଧ୍ୟ ବର୍ଣ୍ଣିତ ରହିଛି । ମହାଭାଗ [ସ.ଅ]ଙ୍କ ଆଦେଶକ୍ରମେ ଦାସମାନେ ଯାହାଙ୍କର ସଂଖ୍ୟା ୬ ଅବା ୮ହଜାର ପର୍ଯ୍ୟନ୍ତ ରହିଥିଲା, ତାଙ୍କ ରହିବା ନିମନ୍ତେ ଅସ୍ଥାୟୀ ଆବାସ ନିର୍ମାଣ କରାଗଲା । ଯାହା ଫଳରେ ସେମାନେ ଶୀତ ଓ ଗ୍ରୀଷ୍ମର ଉତ୍ତାପରୁ ରକ୍ଷା ପାଇବେ । ଉକ୍ତ ମାଲେ ଗନିମତ୍‌ରେ ୨୪ହଜାର ଓଟ ଓ ୪୦ହଜାରରୁ ଉର୍ଦ୍ଧ୍ୱ ଛେଳିମେଣ୍ଢା, ୪ହଜାର ଓକିୟା ରୁପା ଯାହାକି ପାଖାପାଖି ୪୯୦କି.ଗ୍ରା ହେବ, ମୁସଲମାନମାନଙ୍କୁ ପ୍ରାପ୍ତ ହୋଇଥିଲା । ଏହା ପୂର୍ବରୁ ମୁସଲମାନମାନଙ୍କୁ କଦାଚିତ ଏତେ ପରିମାଣର ମାଲେ ଗନିମତ୍ ହାସଲ ହୋଇ ନଥିଲା । ଏପରି ପରିସ୍ଥିତିରେ ମଧ୍ୟ ମହାଭାଗ ନିଜ ସହାବାମାନଙ୍କ ପ୍ରଶିକ୍ଷଣର ଏପରି ଧ୍ୟାନ ରଖିଥିଲେ ଯେ, ହୁଜୁର[ସ.ଅ] ମାଲେ ଗନିମତ୍ ବଣ୍ଟନ କରିବା ପୂର୍ବରୁ ଘୋଷଣା କଲେ କି ଏହି ସମ୍ପତ୍ତିର ଏକପଞ୍ଚମାଂଶ ବ୍ୟତୀତ ମୋର ଭାଗ ମଧ୍ୟ ସେତିକି, ଯେତିକି ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଅଧିକାର ରହିଛି । ଆଉ ସେହି ଏକ ପଞ୍ଚମାଂଶ ମଧ୍ୟ ତୁମମାନଙ୍କୁ ହିଁ ମିଳିବ । ସେଥିଅନ୍ତେ ମହାଭାଗ କହିଲେ; ଯଦି କେହି ଗୋଟିଏ ତୁଚ୍ଛ ଛୁଞ୍ଚି ଅବା ସୂତା ଅବା ତା'ଠାରୁ ନଗଣ୍ୟ ବସ୍ତୁ (ଲୁଚାଇ) ନେଇଯାଇଛି ତେବେ ସେ ତାହା ଫେରସ୍ତ କରିଦେଉ । ବିଶ୍ୱାସଘାତ କରିବାରୁ ନିବୃତ୍ତ ରୁହ କାରଣ ପ୍ରଳୟ ଦିବସରେ ଏପରି ବିଶ୍ୱାସଘାତୀଙ୍କ ସକାଶେ ତାହା ଲଜ୍ୟାଜନକ ଓ କାଳିମା ସାବ୍ୟସ୍ତ ହେବ । ଏହା ଶୁଣିବା ମାତ୍ରେ ଜଣେ ସାହାବି ଓଟର ଚୁଟିରେ ପ୍ରସ୍ତୁତ ଏକ ସୂତା ଗୋଳା ଘେନି ଆଣି ମହାଭାଗଙ୍କ ସେବାରେ ଉପସ୍ଥିତ ହେଲେ ଓ କହିଲେ; ମୁଁ ଜିନ୍ (ବାହନ ପିଠିରେ ରଖାଯାଉଥିବା ଆସନ) ସିଲେଇ କରିବା ପାଇଁ ଏହି ସୂତାକୁ ମାଲେ ଗନିମତ୍ ମଧ୍ୟରୁ ରଖି ନେଇଥିଲି ।

ଏହିପରି ଅନ୍ୟ ଜଣେ ସାହାବି ମହାଭାଗଙ୍କ ସେବାରେ ଉପସ୍ଥିତ ହୋଇ କହିଲେ; ମୁଁ ଏକ ଛୁଞ୍ଚି ନେଇ ନିଜ ପତ୍ନୀକୁ ପ୍ରଦାନ କରି ଦେଇଥିଲି, କିନ୍ତୁ ଆପଣଙ୍କ ଘୋଷଣା ଶୁଣିବା ମାତ୍ରେ ତାଙ୍କ ନିକଟକୁ ଯାଇ ତାହା

ନେଇ ଆସିଲି ଓ ମାଲେ ଗନିମତ୍‌ରେ ରଖିଦେଲି । ହୁଜୁର[ସ.ଅ] ମାଲେ ଗନିମତ୍ ବଣ୍ଟନ କରିବା ସମୟରେ ଅସହାୟ ଲୋକମାନଙ୍କୁ ମଧ୍ୟ ମନେ ରଖିଥିଲେ । ସର୍ବପ୍ରଥମେ ହୁଜୁର[ସ.ଅ] ଗୋଷ୍ଠୀମାନଙ୍କର ଅଧିପତି ଓ ସରଦାରମାନଙ୍କୁ ମାଲେ ଗନିମତ୍ ପ୍ରଦାନ କରିଥିଲେ, ସେମାନେ ନିଜ ଗୋଷ୍ଠୀରେ ସୁପ୍ରତିଷ୍ଠିତ ଓ ସମ୍ମାନିତ ଥିଲେ । ମହାଭାଗ ସେମାନଙ୍କୁ ୧୦୦/୧୦୦ ଓ ୫୦/୫୦ଟି ଓଟ ପ୍ରଦାନ କରିଥିଲେ । ତା'ପରେ ହୁଜୁର[ସ.ଅ] ହଜରତ ଜୈଦ୍ ବିନ୍ ସାବିତ୍ [ର.ଅ]ଙ୍କୁ କହିଲେ; ବାକି ଲୋକମାନଙ୍କୁ ଡ଼ାକି ଆଣ ଓ ସେମାନଙ୍କୁ ମଧ୍ୟ ମହାଭାଗ ମାଲେ ଗନିମତ୍ ପ୍ରଦାନ କଲେ । ପ୍ରତ୍ୟେକଙ୍କ ଭାଗରେ ଚାରୋଟି ଓଟ ଅବା ୪୦ଗୋଟି ଛେଳି ପଡିଥିଲା । ମହାଭାଗ କୁରୈଶ୍‌ଙ୍କୁ ମାଲେ ଗନିମତ୍‌ରୁ ଭାଗ ଦେବାର ଗୋଟିଏ କାରଣ ଏହା ଦର୍ଶାଇଲେ ଯେ, ମୁଁ କୁରୈଶ୍‌ଙ୍କୁ ମାଲେ ଗନିମତ୍ ପ୍ରଦାନ କରି ତାଙ୍କୁ ଖୁସି କରିବାକୁ ଚାହୁଁଛି । କାରଣ ସେମାନେ ଅନେକେଶ୍ୱରବାଦକୁ ପରିତ୍ୟାଗ କରିବାକୁ ଅଧିକ ସମୟ ଅତିବାହିତ ହୋଇ ନାହିଁ । ଏହି ଅବସରରେ କେତେକ କପଟବିଶ୍ୱାସୀ ମାଲେ ଗନିମତ୍ ବଣ୍ଟନ କରିବାକୁ କେନ୍ଦ୍ର କରି ଆପତ୍ତି ମଧ୍ୟ କରିଥିଲେ ଏବଂ ଏହି ଆରୋପ ଲଗାଇ ଥିଲେ ଯେ, ନଊଜୁବିଲ୍ଲାଃ ମହାଭାଗ ମାଲେ ଗନିମତ୍ ବଣ୍ଟନ କରିବାରେ ନ୍ୟାୟ ପ୍ରଦର୍ଶନ କରି ନାହାନ୍ତି । ଆଉ ନା ଈଶ୍ୱରଙ୍କ ପ୍ରୀତିଭାଜନ ଲାଭ କରିବା ପରି କାର୍ଯ୍ୟ କରିଛନ୍ତି । ଏକଥା ଶୁଣିବା ପରେ ମହାଭାଗ [ସ.ଅ]ଙ୍କର ପବିତ୍ର ଚେହେରା ଲୋହିତ ବର୍ଣ୍ଣ ହୋଇଗଲା । ହୁଜୁର[ସ.ଅ] କହିଲେ; **ଯଦି ଅଲ୍ଲାଃ ଓ ତାହାଙ୍କ ରସୁଲ ନ୍ୟାୟ ଆଚରଣ କରୁ ନାହାନ୍ତି ତେବେ ଆଉ କିଏ ନ୍ୟାୟ ପ୍ରଦର୍ଶନ କରିବ** । ସେଥିଅନ୍ତେ ମହାଭାଗ କହିଲେ; ଅଲ୍ଲାଃତାଲା ମୋ ଭାଇ ମୁସା[ଅ.ସ] ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ, ତାଙ୍କୁ ଆ'ଠାରୁ ବଳି ବଡ ବଡ କଷ୍ଟ ସହ୍ୟ କରିବାକୁ ପଡିଥିଲା ଓ ସେତେବେଳେ ସେ ଧୈର୍ଯ୍ୟ ରକ୍ଷା କରିଥିଲେ ।

ତହୁଁ ଜଣେ ବ୍ୟକ୍ତି ଛିଡ଼ା ହେଲା ଓ ସେ ମଧ୍ୟ ମାଲେ ଗନିମତ୍ ବିଭାଜନ ପ୍ରକ୍ରିୟା ଉପରେ ଆପତ୍ତି ବାଢ଼ିଲା । ଏଥିରେ ପୁଣ୍ୟଶ୍ଳୋକ କହିଲେ; ତୁମର ଅମଙ୍ଗଳ ହେଉ, ଯଦି ମୁଁ ନ୍ୟାୟ ଆଚରଣ କରୁ ନାହିଁ ତେବେ ଆଉ କିଏ କରୁଛି । ହଜରତ ଖାଲିଦ୍ ବିନ୍ ୱଲିଦ୍[ର.ଅ] ଓ ହଜରତ ଉମର[ର.ଅ] ଛିଡ଼ା ହେଲେ ଏବଂ କହିଲେ; ହୁଜୁର ଯଦି ଆପଣ ଆଦେଶ ଦେବେ ତା'ହେଲେ ଏହିକ୍ଷଣି ଆମେ ଏହି ଦୁର୍ବୃତ୍ତର ଗଳା କାଟି ଦେବୁ । ମହାଭାଗ କହିଲେ; ନା**! ସମ୍ଭବତଃ ଏ ନମାଜ ପାଠ କରୁଥିବ** । ଏଥିରେ ହଜରତ ଖାଲିଦ୍[ର.ଅ] କହିଲେ; କ'ଣ କୌଣସି ନମାଜ ପାଠକାରୀ ଏପରି କଥା କହିପାରେ ଯାହା ତା ହୃଦୟରେ ନଥିବ । ହୁଜୁର[ସ.ଅ] ପୁନଶ୍ଚ କହିଲେ; ଖାଲିଦ୍! ମୋତେ ଏହି ଆଦେଶ ଦିଆଯାଇ ନାହିଁ ଯେ, ମୁଁ ବକ୍ଷ ଚିରି ଅବା ଛାତି ଫାଡି ଦେଖିବି ଅର୍ଥାତ୍ ଲୋକମାନଙ୍କ ମନ କଥା ଜାଣିବାକୁ ଚେଷ୍ଟା କରିବି ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

19th September 2025

*Translated to Odia by :* Moulavi Anwar Ahmad Khan